୧୧ ଚୋରି ବାଇକ୍ ସହ ଜଣେ ଗିରଫ

ବ୍ରହ୍ମପୁର,୩।୫ (ନିପ୍ର): ସ୍ଥାନୀୟ ବୈଦ୍ୟନାଥପୁର ଥାନା ପୋଲିସ ପକ୍ଷରୁ ୧୧ ଗୋଟି ଚୋରି ବାଇକ୍ ଉଦ୍ଧାର କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ ସାନ୍ତରାପୁର ଗ୍ରାମର ପି. ସନ୍ତୋଷ ପାତ୍ର ବୋଲି ଜଣାପଡ଼ିଛି । ରବିବାର ଏହି ଚୋରି ବାଇକ୍ ଘଟଣାକୁ ନେଇ ଅତିରିକ୍ତ ଏସ୍‌ପି ଆଲୋକ ଜେନା, ଟାଉନ୍ ଏସ୍‌ଡ଼ିପିଓ ପ୍ରିୟାଂଶୁ ଛୋଟରାୟ ଓ ବୈଦ୍ୟନାଥପୁର ଥାନା ଅଧିକାରୀ ସୁବ୍ରତ କୁମାର ବେଉରା ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାଥାଉକି, ସ୍ଥାନୀୟ ଗଜପତିନଗରଠାରେ ଜଣେ ପ୍ରାଇଭେଟ୍ ନର୍ସିଂ କର୍ମଚାରୀ ରଞ୍ଜିତା ବେହେରାଙ୍କ ଏକ୍‌ଟିଭା ବାଇକ୍ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ବି. ସନ୍ତୋଷ ପାତ୍ରକୁ ଅଟକ ରଖି ପଚରା ଉଚରା କରିବା ବେଳେ ସେ ପୋଲିସ ଆଗରେ ନିଜର ଦୋଷ ସ୍ୱୀକାର କରିଥିଲା ଏବଂ ଅନ୍ୟ କେଉଁ କେଉଁ ଜାଗାରୁ ବାଇକ୍‌ଗୁଡ଼ିକ ଚୋରି ହୋଇଥିଲା ସେ ସମ୍ପର୍କରେ ପୋଲିସକୁ ଜଣାଇବା ପରେ ପୋଲିସ ତଦନ୍ତ ଚଳାଇ ଚୋରି ହୋଇଥିବା ସମସ୍ତ ଗାଡ଼ିକୁ ଉଦ୍ଧାର କରିବା ସହ ଗାଡ଼ିର ପ୍ରକୃତ ମାଲିକଙ୍କୁ ଗଞ୍ଜାମ ଅତିରିକ୍ତ ଏସ୍‌ପି ଆଲୋକ ଜେନାଙ୍କ ହେପାଜତ୍‌ରେ ପ୍ରଦାନ କରାଯାଇଥିଲା । ତେବେ ଚୋରି ହୋଇଥିବା ଗାଡ଼ି ଗୁଡ଼ିକ ପୁଣି ଫେରି ପାଇଥିବା ଯୋଗୁଁ ମାଲିକମାନେ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

କଳିଙ୍ଗ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ମାଟ୍ରିକ୍ ପରୀକ୍ଷାର ସଫଳତା

ବ୍ରହ୍ମପୁର, ୩।୫(ନିପ୍ର): ସ୍ଥାନୀୟ ଫାଷ୍ଟଗେଟ୍‌ସ୍ଥିତ ରଘୁପତିନଗର କଳିଙ୍ଗ ବିଦ୍ୟା ମନ୍ଦିରର ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଶତ ପ୍ରତିଶତ ସଫଳତା ପାଇଛି । ଏଥିରେ ୧୩୦ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ଏ-୧ରେ ୨ଜଣ, ଏ-୨ରେ ୧୧ଜଣ, ବି-୧ରେ ୨୪ ଜଣ, ବି-୨ରେ ୩୬ ଜଣ ଓ ଅନ୍ୟ ସମସ୍ତ ଛାତ୍ରଛାତ୍ରୀମାନେ ସିଓଡ଼ିରେ କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତା ପାଇଁ କଳିଙ୍ଗ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଭାପତି ଜବହାରଲାଲ୍ ପାତ୍ର, ସମ୍ପାଦକ ହରିକୃଷ୍ଣ କୋଠିଆ, ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ପଟ୍ଟନାୟକ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଥିଲେ ।

ବରିଷ୍ଠ ନାଗରିକ ମଞ୍ଚର ବିଶ୍ୱ ହସ ଦିବସ ପାଳିତ

ବ୍ରହ୍ମପୁର, ୩।୫(ନିପ୍ର): ସ୍ଥାନୀୟ ଲାଞ୍ଜିପଲ୍ଲୀସ୍ଥ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ତରଫରୁ ବିଶ୍ୱ ହସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଉପଦେଷ୍ଟା ପ୍ରଫେସର ଭାସ୍କର ପାଢ଼ୀ, ସଭାପତି ବିଶ୍ୱନାଥ ପାଢ଼ୀ, ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, ଉପ ସଭାପତି ପ୍ରଫେସର ଅରୁଣ କୁମାର ପଣ୍ଡା ଓ ଯୁଗ୍ମ ସମ୍ପାଦକ ପ୍ରଫେସର ସୁଦର୍ଶନ ଦାସ ଓ ହସ ଗୁରୁ ସୁଜନ ଶୁକ୍ଳଙ୍କ ତତ୍ତ୍ୱାବଧାନରେ ହସର ଆବଶ୍ୟକତା ଓ ଉପକାରିତା ବିଷୟରେ ଏକ ଜନ ସଚେତନତା ଶୋଭାଯାତ୍ରା ବାହାରି ଲାଞ୍ଜିପଲ୍ଲୀର ବିଭିନ୍ନ ସାହିଭ୍ରମଣ କରିଥିଲେ । ପ୍ରଫେସର ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସର୍ଜଣ୍ଟ ରମେଶ ଚନ୍ଦ୍ର ମହାନ୍ତି, କେ. କ୍ରୀଷ୍ଣା ରାଓ, ଶିବରାମ ପାଣିଗ୍ରାହୀ, ବିଭୂତି ଭୂଷଣ ବେହେରା, ପ୍ରଫୁଲ୍ଲ ପାତ୍ର, ଅଭିମନ୍ୟୁ ମହାରଣା, ଚିତ୍ତ ରଞ୍ଜନ ସାହୁ, ପୁରନ୍ଦର ମହାକୁଡ଼, ରବିନ୍ଦ୍ର ସାହୁଙ୍କ ସମେତ ଶତାଧିକ ସଦସ୍ୟ ଯୋଗ ଦେଇ ଶୋଭାଯାତ୍ରାକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

ଅର୍ଜୁନ ହସ କ୍ଲବ ପକ୍ଷରୁ ହସ ଦିବସ ପାଳିତ

ବ୍ରହ୍ମପୁର, ୩।୫(ନିପ୍ର): ସ୍ଥାନୀୟ ଗେଟ୍ ବଜାର ଏନ୍‌ଜିଓ ହଲ୍ ଠାରେ ଅର୍ଜୁନ ହସ କ୍ଲବ୍ ପକ୍ଷରୁ ବିଶ୍ୱ ହସ ଦିବସ -୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ କ୍ଲବର ସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଯୋଗଦେଇ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟାର୍ପଣ କରି ଅନୁଷ୍ଠାନର ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ପ୍ରଫେସର କୃଷ୍ଣମୋହନ ପାଠୀ ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ବେଦପାଠ ସହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ପରେ ଦିବଂଗତ ସଦସ୍ୟମାନଙ୍କ ଅମର ଆତ୍ମାର ଶାନ୍ତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ଡ଼ା. ସମରେନ୍ଦ୍ର କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେଇ ଉପସ୍ଥିତ ସମସ୍ତ ଅତିଥି, ସଦସ୍ୟ ଓ ପରିବାରବର୍ଗଙ୍କୁ ସ୍ୱାଗତ ଜଣାଇଥିଲେ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀ ନିଜର ଅଭିଭାଷଣରେ କ୍ଲବର ଉନ୍ନତିରେ ସମସ୍ତଙ୍କ ଯୋଗଦାନକୁ ସ୍ୱୀକାର କରି ମୁଁ ନୁହେଁ ଆମେ ମନୋଭାବରେ କ୍ଲବ୍‌କୁ ଆଗକୁ ନେବାକୁ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ନିଜର ବକ୍ତବ୍ୟରେ ବ୍ୟସ୍ତ ଆଧୁନିକ ଜୀବନ ଓ ଇଣ୍ଟରନେଟ୍ ଯୁଗରେ ସୁସ୍ଥ ଶରୀର ଓ ମନ ପାଇଁ ହସ ଓ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଅନୀଲ୍ ଓ ମୁଖ୍ୟବକ୍ତା ପଦ୍ମଶ୍ରୀ ଡ଼ା. ଶ୍ରୀ ପାଠୀଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କ୍ଲବ୍‌ର ୪ ଜଣ ବରିଷ୍ଠ ସଦସ୍ୟମାନଙ୍କ ମଧ୍ୟରୁ ଟି. କୁମାର ସ୍ୱାମୀ ପାତ୍ର, ପୂର୍ଣ୍ଣଚନ୍ଦ୍ର ପତି, ହାରାଲ୍ଡ ଥୋମାସ୍ ଡ଼େଭିଡ଼୍ ଓ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ତାପରେ ଆଜୀବନ ପୁଷ୍ଟପୋଷକ ସମାରୋହ ପାଇଁ ଆର୍ଥିକ ସହାୟତା ଯୋଗାଇଥିବା ଦୁଇ ଜଣ ବ୍ୟକ୍ତିତ୍ୱ ପ୍ରବୀର କୁମାର ଦାସ, ଇଂ. ଅରୁଣ କୁମାର ପଟ୍ଟନାୟକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ବସନ୍ତ କୁମାର ପାତ୍ର, ସମୀକ୍ଷକ ସୁରେନ୍ଦ୍ର ମହାପାତ୍ର, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଇଂ. ବି. ବେଣୁଗୋପାଳ ପାତ୍ର, ଇଂ. ଶିରୀଶ ପ୍ରସାଦ ମିଶ୍ର, ଡ଼କ୍ଟର ସୁବ୍ରତ କୁମାର ସାହୁ, ରାଧାକୃଷ୍ଣ ପରିଚ୍ଛା, ଡ଼ା. ଶଙ୍କର୍ଷଣ ପାତ୍ର, ନିରଞ୍ଜନ ମହାରଣା, ସହ ସମ୍ପାଦକ ବାଞ୍ଛାନିଧି ବେହେରା ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଇଂ. ଅଶୋକ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ମହାପାତ୍ର, କୃଷ୍ଣେଦ୍ବ ମହାରଣା, ଗୌରୀ ଶଙ୍କର ମିଶ୍ର, ସୁରେନ୍ଦ୍ର ମହାପାତ୍ର, ନରସିଂହ ସାହୁ, ରାଧାକୃଷ୍ଣ ମହାରଣା, ଟି. କୁମାରସ୍ୱାମୀ ପାତ୍ର, ସଞ୍ଜୟ କୁମାର ଆଚାରୀ, ବିପ୍ରଚରଣ ନାୟକ, ଶିବଶଙ୍କର ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ପାଣିଗ୍ରାହୀ ଓ ଅନ୍ୟାନ୍ୟ ସଦସ୍ୟମାନେ ସହ ପରିବାରବର୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଶ୍ୱେତପଦ୍ମା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବ୍ରହ୍ମପୁର, ୩।୫(ନିପ୍ର): ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗର ସମ୍ମିଳନୀ କକ୍ଷରେ ସଂସଦର ପ୍ରତିଷ୍ଠାତା ଇଂ. ବିଜୟ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଶ୍ୱେତପଦ୍ମା ସାହିତ୍ୟ ସଂସଦର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ବିଶିଷ୍ଟ କବି, କବୟିତ୍ରୀ ଓ ସୁସାହିତ୍ୟିକ ଏହି ଉତ୍ସବରେ ଯୋଗଦାନ କରିଥିଲେ । ବରିଷ୍ଠ ଓ ବିଶିଷ୍ଟ ତଥା ସୁ ସାହିତ୍ୟିକ ଓ ଶିକ୍ଷାବିତ୍ ଡ଼. ସୁରେନ୍ଦ୍ର ନାଥ ପାଣିଗ୍ରାହି ଉତ୍ସବର ଉଦ୍ଘାଟନ କରିଥିଲେ । ବିଶିଷ୍ଟ ଓ ବରିଷ୍ଠ ସୁସାହିତ୍ୟିକ ଓ ଶିକ୍ଷାବିତ୍ ଡ଼. ପ୍ରମୋଦ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ । ସୁସାହିତ୍ୟିକ ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ସୁଶାନ୍ତ ଦାଶ ଓ ଡ଼. କାଳୀପଦ ପଣ୍ଡା ସମ୍ମାନୀତ ଅତିଥି ଭାବେ ଓଡ଼ିଆ ଭାଷାର ବିକାଶ ଓ ଦିଗ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଡ଼. ରୋଜାଲିନ୍ ସେନାପତି କବିତାର ଛଳଛଳ ଆବେଗ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ସଂସଦର କାର୍ଯ୍ୟକାରୀ ସମ୍ପାଦିକା ସସ୍ମିତା ମିଶ୍ର ଦକ୍ଷତାର ସହ ଏହି ସାରସ୍ୱତ ସଭାର ସମସ୍ତ କାର୍ଯ୍ୟକ୍ରମ ନିର୍ବାହ କରିଥିଲେ । ଏହି ଉତ୍ସବରେ ଡ଼. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଡ଼. ପ୍ରମୋଦ କୁମାର ଦ୍ୱିବେଦୀ, ଡ଼. ଗୀତାଶ୍ରୀ ପ୍ରିୟମ୍ବଦା, ଗୀତାଞ୍ଜଳି କର, ରୋଜାଲିନ୍ ସେନାପତି, ବିଦ୍ୟାଧର ଦଳବେହେରା, ଲଳିତ କୁମାର ସ୍ୱାଇଁ, ଡ଼. ପ୍ରତିଚୀ ନନ୍ଦଙ୍କ ଭଳି ଆଠ ଜଣ ବିଶିଷ୍ଟ ସାରସ୍ୱତ ସାଧକ ଓ ସାଧିକା ସମ୍ବର୍ଦ୍ଧିତ ହୋଇଥିଲେ । ସମାରୋହରେ ଦ୍ୱିତୀୟ ଅଧିବେଶନ କବିତା ପାଠରେ ବହୁ ସଂଖ୍ୟକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସୌଦାମିନୀ ମିଶ୍ର କବିତା ପାଠ ଆସରର ସଭାପତିତ୍ୱ କରିଥିଲେ । ଡ଼. ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଡ଼. ଲକ୍ଷ୍ମୀ ନାରାୟଣ ଦାଶ, ବଂଶୀଧର ସେଠୀ, ଡ଼. ପ୍ରତିଚୀ ନନ୍ଦ କବିତା ଓ ସାହିତ୍ୟ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସାଧାରଣ ସମ୍ପାଦିକା ମଧୁଛନ୍ଦା ମିଶ୍ର ଓ ଉପ ସଭାପତି ବଂଶୀଧର ସେଠୀ ପ୍ରମୁଖରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଶେଷରେ କବି ଶ୍ରୀ ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକାରୀ ସଦସ୍ୟ ତଥା ଉପସ୍ଥିତ ସମସ୍ତ ସାରସ୍ୱତ ସାଧକ, ସାଧିକା ଓ ସାହିତ୍ୟପ୍ରେମୀଙ୍କ ସ୍ନେହ, ଶ୍ରଦ୍ଧା ଓ ସହଯୋଗ ଫଳରେ ଶ୍ୱେତପଦ୍ମା ସାହିତ୍ୟ ସଂସଦର ତୃତୀୟ ପ୍ରତିଷ୍ଠା ଉତ୍ସବ ସଫଳତା ଲାଭ କରିପାରିଛି ।

ନୋଟିସ୍

ଏତଦ୍ୱାରା କେନ୍ଦୁଝର ସଦର ବ୍ଲକର ହଳଦିଆଗୁଣା, ବଣ୍ଡୁଆଁ, ବାଲିସୁଆଁ ଓ ବାଙ୍କମାରୁଣୀ ଗ୍ରାମର ସମସ୍ତ ପରିବାର ଓ ଏହାର ବାସିନ୍ଦା ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ସିଭିଲ ମକଦମା ସମ୍ବଳିତ କେଶ୍ ନମ୍ବର ୭୧/୨୦୨୬ ଗୋବର୍ଦ୍ଧନ ଗ୍ରାମ ପଂଚାୟତର ସରପଂଚ ଶ୍ରୀ ସଞ୍ଜୟ କୁମାର ମୁଣ୍ଡାଙ୍କ ପ୍ରତିନିଧିତ୍ୱରେ ଏମ୍‌ଏସ୍‌ପି ସ୍ଲାଞ୍ଜ ଆଇରନ ବିରୁଦ୍ଧରେ କେନ୍ଦୁଝର ସିଭିଲ ଜଜ୍ (ବରିଷ୍ଠ ବିଭାଗ)ଙ୍କ କୋର୍ଟରେ ମକଦମା ଦାୟର କରିଛନ୍ତି ।

ଯଦି ଉପରୋକ୍ତ ଗ୍ରାମର କୌଣସି ବ୍ୟକ୍ତି, ପରିବାର କିମ୍ବା ଆଗ୍ରହୀ ବାସିନ୍ଦାଙ୍କର ଉକ୍ତ ମକଦମା କିମ୍ବା ବାଦିଙ୍କ ପ୍ରତିନିଧିତ୍ୱ କ୍ଷମତା ସମ୍ପର୍କରେ କୌଣସି ଆପତ୍ତି, ଦାବି, ବିବାଦ କିମ୍ବା ଅଭିଯୋଗ ଥାଏ, ତେବେ ସେମାନେ ତା-୧୨/୦୫/୨୦୨୬ରିଖରେ କେନ୍ଦୁଝର ବିଜ୍ଞ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ) ସମ୍ମୁଖରେ ଉପସ୍ଥିତ ହୋଇ ସେମାନଙ୍କର ଆପତ୍ତି ଉଠାଇ ପାରିବେ । ସମସ୍ତ ସମ୍ପୃକ୍ତଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଉଛି ।

ସ୍ଥାନ- କେନ୍ଦୁଝର ସ୍ୱ/- ପ୍ରଭାସ ପ୍ରଧାନ
ତା-୦୨/୦୫/୨୦୨୬ ଆଡଭୋକେଟ୍, କେନ୍ଦୁଝର

CLASSIFIED

ଆବଶ୍ୟକ

ରୋଷେଇ, ଘରକାମ, ବେବିକେୟାର ପାଇଁ ମହିଳା ଓ ପୁରୁଷ ଆବଶ୍ୟକ । NURSING CARE ପାଇଁ (ପୁରୁଷ/ମହିଳା) RESTAURANT COOK, DRIVER ଆବଶ୍ୟକ – 9348602508

Residential plot at DPS School, Santol, Rahura, Pandagadia & Kurunti. Well Developed. Interested buyers : 6371324182

18000sqft residential land with 1000sqft building for immediate sale near Padmapur Highschool (Pirabazar, Jagatpur), Cuttack. 7377889988

HEALTH CARE

Wanted All types of Physiotherapy with Massage. Time 10am to 6 pm
Contact number: 9556924059/7656969134

ଅଖିଳ ଭାରତ ଯୁବକ ସଂଘର ପ୍ରତିଷ୍ଠା ଦିବସ



ବ୍ରହ୍ମପୁର, ୩।୫(ନିପ୍ର): ସ୍ଥାନୀୟ ପାର୍କ ସାହିସ୍ଥିତ ଜିଲ୍ଲା କାର୍ଯ୍ୟାଳୟଠାରେ ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ୍) ଗଞ୍ଜାମ ଜିଲ୍ଲା ପରିଷଦ ପକ୍ଷରୁ ୬୭ତମ ପ୍ରତିଷ୍ଠା ଦିବସ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ଲାଲ ଲୋହିତ ପତାକାକୁ ସଙ୍ଗଠନର ଜାତୀୟ ସମ୍ପାଦକ ସାଥୀ ପ୍ରଦୀପ କୁମାର ସେଠୀ ଉତ୍ତୋଳନ କରି ଯୁବ ସଙ୍ଗଠନର ଇତିହାସ ସମ୍ପର୍କରେ ଆଲୋଚା କରିବା ସହ ବିଜେପି ସରକାର ଦେଶରେ ଶାସନ କଲା ଠାରୁ ବେକାରୀ, ବେରୋଜଗାରୀ ଓ ନାରୀ ଅପହରଣ, ଦୁଷ୍କର୍ମ ବଢ଼ି ଚାଲିଛି ବୋଲି କହିଥିଲେ । ଏହାପରେ ଯୁବ ସଂଘର ରାଜ୍ୟ ସମ୍ପାଦକ କାମଦେବ ନାହାକ ଅଖିଳ ଭାରତ ଯୁବ ସଂଘ ୧୯୫୯ ମସିହା ମଇ ୩ ତାରିଖରେ ସ୍ୱାଧୀନତାର ଅଗ୍ନିଗର୍ଭରୁ ଜନ୍ମଲାଭ କରିଥିଲେ । ଦେଶ ପାଇଁ ବହୁ ଯୁବକ ପ୍ରାଣବଳି ଦେଇଥିବା କଥା ଆଲୋଚନା କରିଥିଲେ । ଦେଶରେ ବେକାରୀ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହାକୁ ରୋକିବା ପାଇଁ ସରକାର ବିଫଳ ବୋଲି କହିଥିଲେ । ସବୁ ବିଭାଗରେ ଲକ୍ଷ ଲକ୍ଷ ପଦବୀ ଖାଲିଥିବା ବେଳେ ସରକାର ବର୍ତ୍ତମାନ ରେଳ ବିଭାଗରେ ୨.୭୫ ହଜାର ପଦବୀ ଖାଲିଥିବା ବେଳେ କାର୍ଯ୍ୟରତ ଥିବା ପଦବୀରୁ ୨ ପ୍ରତିଶତ ପଦବୀ ଖାଲି କରିବା ପାଇଁ ସରକାର ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତିକୁ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ସମ୍ପୂର୍ଣ୍ଣ ବିରୋଧ କରୁଛି ଏବଂ ଏହି ନିଷ୍ପତ୍ତି ବିରୋଧରେ ଦେଶରେ ସମସ୍ତ ରେଳ ବିଭାଗ ଆଗରେ ସଂଘ ପକ୍ଷରୁ ଆସନ୍ତା ମଇ ୭-୮ ପ୍ରତିବାଦ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ମନୋଜ ଗୌଡ଼ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆର୍. ଦୈତାରୀ ରେଡ୍ଡି, ଗଣେଶ ରେଡ୍ଡି, ମହେନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଜେନା, କୃଷ୍ଣଚନ୍ଦ୍ର ବେହେରା, ଗୌରାଙ୍ଗ ପ୍ରଧାନ, ଚିତ୍ତରଞ୍ଜନବେହେରା, କୃଷ୍ଣ ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT AND DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES. NOT FOR RELEASE, PUBLICATION OR DISTRIBUTION DIRECTLY OR INDIRECTLY OUTSIDE INDIA.

PUBLIC ANNOUNCEMENT

ADDSOFT
WE ADD VALUES

Please scan this QR Code to view the DRHP and Draft Abridged Prospectus.

ADDSOFT TECHNOLOGIES LIMITED

(Previously Known as Addsoft Technologies Private Limited)
CIN: U72200OR2005PLC008408

Our Company was originally incorporated as a private limited company with the name of "Addsoft Technologies Private Limited" under the Companies Act, 1956 vide certificate of incorporation dated October 24, 2005, issued by Registrar of Companies, Cuttack, bearing CIN: U72200OR2005PTC008408. Further, our company was converted into a Public Limited Company in pursuance of a special resolution passed by the members of our Company at the Extra- Ordinary General Meeting held on February 21, 2025 & name of our Company changed from "Addsoft Technologies Private Limited" to "Addsoft Technologies Limited" & Registrar of Companies, CPC has issued a new certificate of incorporation consequent upon conversion dated June 20, 2025, bearing CIN: U72200OR2005PLC008408. For further details of incorporation please refer to section titled "Our History and Certain Other Corporate Matters" beginning on page no. 212 of this Draft Red Herring Prospectus.

Registered Office: Plot No. 647/2219 Nuahata-45, Nuapatna, Telengapentha, Phu, Ianakhara, Cuttack, Orissa, India-754001
Tel: +91 9124619084; **Fax:** N.A.; **Website:** www.addsofttech.com; **E-mail:** cs@addsofttech.in
Company Secretary and Compliance Officer: Ms. Pallavi Srivastava

OUR PROMOTERS: MR. DEBASISH MOHAPATRA AND MR. ASHISH MOHAPATRA

"THE ISSUE IS BEING MADE IN ACCORDANCE WITH CHAPTER IX OF THE SEBI ICDR REGULATIONS (IPO OF SMALL AND MEDIUM ENTERPRISES) AND THE EQUITY SHARES ARE PROPOSED TO BE LISTED ON EMERGE PLATFORM OF NSE."

THE ISSUE

INITIAL PUBLIC OFFERING UPTO 39,00,000 EQUITY SHARES OF RS. 10/- EACH ("EQUITY SHARES") OF ADDSOFT TECHNOLOGIES LIMITED ("ATL" OR THE "COMPANY" OR THE "ISSUER") FOR CASH AT A PRICE OF RS. [•]/- PER EQUITY SHARE INCLUDING A SHARE PREMIUM OF ₹ [•] PER EQUITY SHARE (THE "ISSUE PRICE") AGGREGATING TO ₹ [•] LAKHS ("THE ISSUE"). THE ISSUE INCLUDES A RESERVATION OF UPTO 1,96,000 EQUITY SHARES AGGREGATING TO ₹ [•] LAKHS FOR SUBSCRIPTION BY MARKET MAKER TO THE ISSUE (THE "MARKET MAKER RESERVATION PORTION"). THE ISSUE LESS THE MARKET MAKER RESERVATION PORTION I.E. NET ISSUE OF UPTO 37,04,000 EQUITY SHARES AGGREGATING TO ₹ [•] LAKHS (THE "NET ISSUE"). THE PUBLIC ISSUE AND NET ISSUE WILL CONSTITUTE 30.00% AND 28.49% RESPECTIVELY OF THE POST- ISSUE PAID-UP EQUITY SHARE CAPITAL OF OUR COMPANY. THE PRICE BAND AND THE MINIMUM BID LOT WILL BE DECIDED BY OUR COMPANY IN CONSULTATION WITH THE BOOK RUNNING LEAD MANAGER AND WILL BE ADVERTISED IN [•] EDITION OF [•] (A WIDELY CIRCULATED ENGLISH NATIONAL DAILY NEWSPAPER) AND [•] EDITION OF [•] (A WIDELY CIRCULATED HINDI NATIONAL DAILY NEWSPAPER, AND [•] EDITION OF [•], BEING THE REGIONAL LANGUAGE OF ODISHA WHERE OUR REGISTERED OFFICE IS LOCATED) WITH WIDE CIRCULATION, AT LEAST TWO WORKING DAYS PRIOR TO THE BID/ISSUE OPENING DATE AND SHALL BE MADE AVAILABLE TO THE EMERGE PLATFORM OF NATIONAL STOCK EXCHANGE OF INDIA LIMITED ("NSE EMERGE") FOR THE PURPOSES OF UPLOADING ON THEIR WEBSITE.

In case of any revision in the Price Band, the Bid/Issue Period shall be extended for at least three additional Working Days after such revision of the Price Band, subject to the total Bid/Issue Period not exceeding 10 Working Days. In cases of force majeure, banking strike or similar unforeseen circumstances, our Company, for reasons to be recorded in writing extend the Bid/Issue Period for a minimum of one Working Day, subject to the Bid/Issue Period not exceeding 10 Working Days. Any revision in the Price Band, and the revised Bid/Issue Period, if applicable, shall be widely disseminated by notification to the Stock Exchanges by issuing a press release and also by indicating the change on the website of the BRLM and at the terminals of the Members of the Syndicate and by intimation to Designated Intermediaries and Sponsor Bank.

This Issue is being made through the Book Building Process, in terms of Rule 19(2)(b) of the Securities Contracts (Regulation) Rules, 1957, as amended ("SCRR") read with Regulation 229 of the SEBI ICDR Regulations and in compliance with Regulation 253 of the SEBI ICDR Regulations wherein not more than 50.00% of the Net Issue shall be available for allocation on a proportionate basis to Qualified Institutional Buyers ("QIBs") (the "QIB Portion"), provided that our Company in consultation with the BRLM may allocate up to 60.00% of the QIB Portion to Anchor Investors on a discretionary basis ("Anchor Investor Portion"). One-third of the Anchor Investor Portion shall be reserved for domestic Mutual Funds, subject to valid Bids being received from the domestic Mutual Funds at or above the Anchor Investor Allocation Price in accordance with the SEBI ICDR Regulations. In the event of under-subscription or non-allocation in the Anchor Investor Portion, the balance Equity Shares shall be added to the QIB Portion (other than the Anchor Investor Portion) ("Net QIB Portion"). Further, 5.00% of the Net QIB Portion shall be available for allocation on a proportionate basis to Mutual Funds only, and the remainder of the Net QIB Portion shall be available for allocation on a proportionate basis to all QIB Bidders, including Mutual Funds, subject to valid Bids being received at or above the Issue Price. However, if the aggregate demand from Mutual Funds is less than 5.00% of the Net QIB Portion, the balance Equity Shares available for allocation in the Mutual Fund Portion will be added to the remaining Net QIB Portion for proportionate allocation to QIBs. Further, not less than 15% of the Net Issue shall be available for allocation on a proportionate basis to Non-Institutional investors out of which (a) one third of such portion shall be reserved for applicants with application size of more than two lots and up to such lots equivalent to not more than ₹1,000,000; and (b) two third of the portion shall be reserved for applicants with application size of more than ₹1,000,000, provided that the unsubscribed portion in either of such sub-categories may be allocated to applicants in the other sub-category of Non-Institutional Bidders and not less than 35.00% of the Net Offer shall be available for allocation to Individual Investors who applies for minimum application size in accordance with the SEBI ICDR Regulations, subject to valid Bids being received from them at or above the Issue Price. Further, Equity Shares will be allocated on a proportionate basis to Eligible Employees applying under the Employee Reservation Portion, subject to valid Bids received from them at or above the Issue Price. All Bidders, other than Anchor Investors, are required to participate in the Offer by mandatorily utilizing the Application Supported by Blocked Amount ("ASBA") process by providing details of their respective ASBA Account (as defined hereinafter) in which the corresponding Bid Amounts will be blocked by the Self Certified Syndicate Banks ("SCSBs") or under the UPI Mechanism, as the case may be, to the extent of respective Bid Amounts. Anchor Investors are not permitted to participate in the Offer through the ASBA process. For details, see "Issue Procedure" on page 310 of this Draft Red Herring Prospectus.

This public announcement is being made in compliance with the provisions of Regulation 247 of SEBI (ICDR) Regulations, 2018 and SEBI (ICDR) (Amendment) Regulations, 2025 vide notification dated March 03, 2025, and applicability of corporate governance provisions under SEBI (LODR) Regulations, 2015, to inform the public that our Company is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to make an initial public offer of its Equity Shares and has filed the Draft Red Herring Prospectus on April 30, 2026. Pursuant to Regulation 247 of the SEBI ICDR Regulations, the Draft Red Herring Prospectus filed with NSE Emerge shall be made public, for comments, if any, for a period of at least 21 days from the date of filing, by hosting it on the website of NSE Emerge at https://www.nseindia.com/companies-listing/corporate-filings-offer-documents#sme_offer, on the website of the BRLM at www.nexgenfin.com and also on the website of the Company at www.addsofttech.com; Our Company invites the public to give comments on the Draft Red Herring Prospectus.

Prospectus filed with NSE Emerge with respect to disclosures made in the Draft Red Herring Prospectus. The public is requested to send a copy of the comments to the Company Secretary & Compliance Officer of our Company, and/or to the BRLM at their respective addresses mentioned below. All comments must be received by our Company and/or the Company Secretary & Compliance Officer of our Company, and/or to the BRLM in relation to the offer on or before 5:00 P.M. on the 21st day from the aforementioned date of filing of the Draft Red Herring Prospectus with NSE Emerge.

Investments in Equity and Equity related securities involve a degree of risk and investors should not invest any funds in this issue unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in the Issue. For taking an investment decision, investors must rely on their own examination of our Company and the Issue including the risks involved. The Equity Shares issued in the Issue have not been recommended or approved by the Securities and Exchange Board of India ("SEBI"), nor does SEBI guarantee the accuracy or adequacy of the Draft Red Herring Prospectus. Specific attention of the investors is invited to the section "Risk Factors" beginning on page 21 of this Draft Red Herring Prospectus.

Any decision to invest in the equity shares described in the Draft Red Herring Prospectus may only be taken after a Red Herring Prospectus has been filed with the ROC and must be made solely on the basis of such Red Herring Prospectus as there may be material changes in the Red Herring Prospectus from the Draft Red Herring Prospectus. The equity shares, when offered through the Red Herring Prospectus, are proposed to be listed on Emerge Platform of NSE ("NSE Emerge").

For details of the share capital and capital structure of our Company and the names of the signatories to the Memorandum of Association and the number of shares subscribed by them of our Company, see "Capital Structure" beginning on page 82 of the Draft Red Herring Prospectus. The liability of the members of our Company is limited. For details of the main objects of our Company as contained in our Memorandum of Association, see "Our History and Certain Other Corporate Matters" beginning on page 212 of the Draft Red Herring Prospectus.

BOOK RUNNING LEAD MANAGER	REGISTRAR TO THE ISSUE	COMPANY SECRETARY AND COMPLIANCE OFFICER
NEXGEN **NEXGEN FINANCIAL SOLUTIONS PRIVATE LIMITED** **Address:** 709, Madhuban Building, 55, Nehru Place, New Delhi-110019 **Telephone:** +91 1141407600 **Email:** ipo@nexgenfin.com **Website:** www.nexgenfin.com **Contact Person:** Ms. Diksha Arora **SEBI Registration Number:** INM000011682 **CIN:** U74899DL2000PTC106340	Maashitla **MAASHITLA SECURITIES PRIVATE LIMITED** **Address:** 451, Krishna Apra Business Square, Netaji Subhash Place, Pitampura, Delhi - 110034, India **Telephone** No: 011-45121795; **Fax No:** N.A. **Email:** ipo@maashitla.com **Website:** www.maashitla.com **Contact Person:** Mr. Mukul Agarwal **SEBI Registration No.:** INR000004370 **CIN:** U67100DL2010PTC208725	**Ms. Pallavi Srivastava** Plot No. 647/2219 Nuahata-45, Nuapatna, Telengapentha, Phu, Ianakhara, Cuttack, Orissa, India, 754001 **Telephone:** +91 9124619084 **Email:** cs@addsofttech.in Investors can contact our Company Secretary and Compliance Officer, the Lead Managers or the Registrar to the Issue, in case of any pre-issue or post-issue related problems, such as non-receipt of letters of allotment, non-credit of allotted Equity Shares in the respective beneficiary account, non-receipt of refund orders and non-receipt of funds by electronic mode etc.

All capitalized terms used herein and not specifically defined shall have the same meaning as ascribed to them in the DRHP.

For ADDSOFT TECHNOLOGIES LIMITED
On Behalf of the Board of Directors
Sd/-
Place: Odisha
Date: May 04, 2026
Ms. Pallavi Srivastava
Company Secretary and Compliance Officer

Disclaimer: Addsoft Technologies Limited is proposing, subject to applicable statutory and regulatory requirements, receipt of requisite approvals, market conditions and other considerations, to make an initial public offer of its Equity Shares and has filed the Draft Red Herring Prospectus on April 30, 2026. The Draft Red Herring Prospectus is available on the website of NSE Emerge at https://www.nseindia.com/companies-listing/corporate-filings-offer-documents#sme_offer and is available on the websites of the BRLM at www.nexgenfin.com and also on the website of the Company at www.addsofttech.com. Any potential investors should note that Investments in Equity and Equity related securities involve a degree of risk and investors should not invest any funds in this issue unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in the Issue. For taking an investment decision, investors must rely on their own examination of our Company and the Issue including the risks involved. The Equity Shares issued in the Issue have not been recommended or approved by the Securities and Exchange Board of India ("SEBI"), nor does SEBI guarantee the accuracy or adequacy of the Draft Red Herring Prospectus. Specific attention of the investors is invited to the section "Risk Factors" beginning on page 21 of this Draft Red Herring Prospectus.

The Equity Shares have not been and will not be registered under the U.S Securities Act of 1933, as amended (U.S. Securities Act) or any state securities laws in the United States and may not be offered or sold within the United States or to, or for the account or benefit of, U.S Persons (as defined in Regulation), except pursuant to exemption from, or in a transaction not subject to, the registration requirements of the U.S. Securities laws. Accordingly, the Equity Shares are being offered and sold only outside the United States in offshore transaction in reliance on Regulation S under the U.S Securities Act and the applicable laws of the jurisdiction where those offers and sale occur. The Equity Shares have not been and will not be registered, listed or otherwise qualified in any other jurisdiction outside India and may not be offered or sold, and application may not be made by persons in any such jurisdiction, except in compliance with the applicable laws of such jurisdiction.